# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**3rd August – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ
- ଆନ୍ଧ୍ରପ୍ରଦେଶର ଏକ ଖଣିରେ ଦୁର୍ଘଟଣାରେ ୬ ଜଣ ଓଡିଆ ଶ୍ରମିକଙ୍କ ମୃତ୍ୟୁ
- ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହେଲେ ବୋର୍ଡ ଉପସଭାପତି

ଏବଂ

- ବରଗଡ଼ଠାରେ ୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ପଞ୍ଚାୟତିରାଜ ମନ୍ତ୍ରୀ

## ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ ଉନ୍ନୟନ, ସଡକ ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଆଦିର ବିକାଶ ନେଇ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। କେନ୍ଦୁଝରରେ ମୁଖ୍ୟମନ୍ତ୍ରୀ ଘଟଗାଁ ମା’ ତାରିଣୀଙ୍କ ମନ୍ଦିର ପାଇଁ ଉତ୍ସର୍ଗୀକୃତ ନଡିଆ ସଂଗ୍ରହ ଯାନର ଶୁଭାରମ୍ଭ କରିବା ସହ ମୋବାଇଲ ଶିକ୍ଷା ୟୁନିଟ୍ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ପ୍ରତୀକ୍ଷା ଗୃହର ଉଦ୍‌ଘାଟନ କରିଥିଲେ। ଅପରାହ୍ଣରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ପ୍ରତିଯୋଗିତା ସାହାଣୀ କପ୍‌ର ଫାଇନାଲ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଲ୍ଲାରେ କ୍ରୀଡାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲ୍ଲାରେ ୪୦ କୋଟି ଟଙ୍କା ବ୍ୟୟରେ ଫୁଟବଲ୍ ଏକାଡେମୀ ସହ ସନ୍ତରଣାଗାର ପ୍ରତିଷ୍ଠା ହେବ।

ସେହିଭଳି ଜାତୀୟସ୍ତରୀୟ କ୍ରିକେଟ୍ ଷ୍ଟାଡିୟମ୍ ପ୍ରତିଷ୍ଠା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O - (ମୁଖ୍ୟମନ୍ତ୍ରୀ)**

ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

## ଓଡ଼ିଶା ଶ୍ରମିକ ମୃତ୍ୟୁ

ଆନ୍ଧ୍ରପ୍ରଦେଶର ବାପ୍‌ତାଲା ଜିଲ୍ଲା ବାଲିକୁର୍ଭାସ୍ଥିତ ଏକ ଗ୍ରାନାଇଟ୍ ଖଣିରେ ଦୁର୍ଘଟଣା ଘଟି ୬ ଜଣ ଓଡ଼ିଆ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୩ ଜଣ ଆହତଙ୍କୁ ଚିକିତ୍ସା ପାଇଁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ଏକ ବିଶାଳ ଗ୍ରାନାଇଟ୍ ଖଣ୍ଡ ଶ୍ରମିକମାନଙ୍କ ଉପରେ ଖସିପଡିବାରୁ ଦୁର୍ଘଟଣା ଘଟିଥିଲା । ସେହି ସମୟରେ ଘଟଣାସ୍ଥଳରେ ୧୬ ଜଣ ଶ୍ରମିକ କାର୍ଯ୍ୟ କରୁଥିଲେ । ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁ ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ତତ୍କାଳ ଉଦ୍ଧାର ଏବଂ ଡାକ୍ତରୀ ସହାୟତା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ସମୀକ୍ଷା

ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି **ବରଗଡ଼**ଠାରେ ୫୦ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟବରାଦରେ ୧ ହଜାର ୭୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କ ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଶ୍ରୀ ନାୟକ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ପରାମର୍ଶ ଦେଇଛନ୍ତି । ଏତଦ୍‌ବ୍ୟତୀତ ଭେଡେନ୍ ଏବଂ ବରପାଲି ବ୍ଲକ୍‌ରେ ନିର୍ମାଣାଧିନ ବୃହତ୍ ଜଳଯୋଗାଣ ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗର ସେତୁବନ୍ଧ, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ନିର୍ମାଣ ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ପଚାରି ବୁଝିଥିଲେ । ଆଗାମୀ ୧ ବର୍ଷ ମଧ୍ୟରେ ଜିଲ୍ଲାର

ସମସ୍ତ ଗ୍ରାମକୁ ପକ୍କା ରାସ୍ତା ସଂଯୋଗୀକରଣ ନିମନ୍ତେ ଯୋଜନା ପ୍ରସ୍ତୁତି ଲାଗି ବିଭାଗୀୟ ଅଧିକାରୀଙ୍କୁ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାକୁ ଦାଦନମୁକ୍ତ କରିବା ପାଇଁ ବ୍ଲକ୍‌ୱାରୀ ଯୋଜନା ପ୍ରସ୍ତୁତ କରିବାକୁ ମଧ୍ଯ ମନ୍ତ୍ରୀ ପରାମର୍ଶ ଦେଇଥିଲେ।ଶ୍ରୀ ନାୟକ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କୁ କାର୍ଯ୍ୟାଦ୍ଦେଶ ବଣ୍ଟନ କରିବା ସହ ଓରମାସର ଦୁଇଟି ଖାଦ୍ୟ ପ୍ରକ୍ରିୟାକରଣ ଗୋଷ୍ଠିଙ୍କୁ ୧ ଲକ୍ଷ ଟଙ୍କାର ସହାୟତାରାଶି ପ୍ରଦାନ କରିଥିଲେ।

## ଓଟିଇଟି

ମାଧ୍ଯମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ କ୍ରାଇମ୍‌ବ୍ରାଞ୍ଚ୍ ଗିରଫ କରିଛି। ଏହାକୁ ମିଶାଇ ଘଟଣାରେ ୮ଜଣଙ୍କୁ ଗିରଫ କରାଯାଇଛି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବର୍ତ୍ତମାନ ପ୍ରଶ୍ନପତ୍ର ପ୍ରଘଟର ବିଭିନ୍ନ ଦିଗ ନେଇ ତଦନ୍ତ ଜାରି ରହିଛି।

ବୋର୍ଡ ଉପସଭାପତିଙ୍କ ଗିରଫ ହେବା ନେଇ କ୍ରାଇମ୍‌ବ୍ରାଞ୍ଚ୍ ଡିଜି ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି...

## - V/O -

ସ୍ପେଶାଲ ଓଟିଇଟି ପରୀକ୍ଷା ଆସନ୍ତା ୩୧ ତାରିଖରେ ହେବା ନେଇ ବୋର୍ଡ ପକ୍ଷରୁ ସ୍ଥିର କରାଯାଇଛି। ଆସନ୍ତା ୨୨ ତାରିଖରୁ ବୋର୍ଡର ୱେବ୍‌ସାଇଟ୍‌ରେ ପ୍ରବେଶପତ୍ର ଉପଲବ୍ଧ ହେବ।

## ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଥିବାରୁ ଶୁଣାଣିକୁ ବନ୍ଦ କରାଯାଇଥିବା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି । ପରବର୍ତ୍ତୀ ତାରିଖ ସମ୍ବାଦପତ୍ର ଓ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ଅବଗତ କରାଯିବ ।

## ଫାଇଲେରିଆ ନିରାକରଣ

ରାଜ୍ୟରେ ଫାଇଲେରିଆ ନିରାକରଣ ଲକ୍ଷ୍ୟ ନେଇ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ସାମୁହିକ ଔଷଧ ସେବନ ଅଭିଯାନ ଅନୁଷ୍ଠିତ ହେବ । ଏଥିରେ ୧୨ଟି ଜିଲ୍ଲାକୁ ସାମିଲ କରାଯାଇଛି । ରୋଗୀଙ୍କୁ ସ୍ୱାସ୍ଥ୍ୟକର୍ମୀମାନେ ଔଷଧ ପ୍ରଦାନ କରିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟକୁ ଫାଇଲେରିଆ ମୁକ୍ତ କରିବା ପାଇଁ ବର୍ଷକୁ ୨ଟି ପର୍ଯ୍ୟାୟରେ ଏହି ଅଭିଯାନ କରାଯାଉଛି । ଗତ ଫେବୃୟାରୀ ମାସରେ ଅନୁଷ୍ଠିତ ସାମୁହିକ ଔଷଧ ସେବନ ଅଭିଯାନରେ ୯୦ ପ୍ରତିଶତ ସଫଳତା ମିଳିଥିବା ବିଭାଗ ପକ୍ଷରୁ କୁହାଯାଇଛି ।

## ହରଘର ତ୍ରିରଙ୍ଗା

ହରଘର ତ୍ରିରଙ୍ଗା ଅଭିଯାନରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏଥିପାଇଁ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ଗତକାଲିଠାରୁ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ ଅଭିଯାନ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଏବଂ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟ ହରଘର ତ୍ରିରଙ୍ଗା ଅଭିଯାନ ଅନୁଷ୍ଠିତ ହେବ ।

ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ହର ଘର ତିରଙ୍ଗା ଅଭିଯାନରେ ବିଦ୍ୟାଳୟ କାନ୍ଥ ଓ ବୋର୍ଡଗୁଡ଼ିକରେ ତ୍ରିରଙ୍ଗା ଚିତ୍ର କରାଯିବ। ଏହାସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହେବେ ଏବଂ ତୃତୀୟ ପର୍ଯ୍ୟାୟରେ ସମସ୍ତ ବିଦ୍ୟାଳୟରେ ପତାକା ଉତ୍ତୋଳନ ସମାରୋହ ଅନୁଷ୍ଠିତ ହେବ। ତ୍ରିରଙ୍ଗା ସହ ସେଲଫି ନେଇ ହରଘର ତ୍ରିରଙ୍ଗା ୱେବ୍‌ସାଇଟ୍‌ରେ ଫଟୋ ଅପ୍‌ଲୋଡ୍ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି ଗଣ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ଶ୍ରାବଣ ସୋମବାର

ଶ୍ରାବଣ ମାସର ଚତୁର୍ଥ ଅଥବା ଶେଷ ସୋମବାର ଆସନ୍ତାକାଲି। ଏଥିପାଇଁ ରାଜ୍ୟର ବିଭିନ୍ନ ଶୈବପୀଠରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଭୁବନେଶ୍ୱରର ପ୍ରଭୁ ଲିଙ୍ଗରାଜଙ୍କ ପୀଠରେ କାଉଡିଆମାନଙ୍କ ଜଳଲାଗି ପାଇଁ ବ୍ୟବସ୍ଥା କରାଯାଇଛି। ଏହାସହ ପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। କଟକର ବାବା ଧବଳେଶ୍ୱର, ଭଦ୍ରକର ବାବା ଆଖଣ୍ଡଳମଣି, ବାଲେଶ୍ୱର ଚନ୍ଦନେଶ୍ୱର, ନୟାଗଡ଼ର ବାବା ଲଡୁକେଶ୍ୱର, ଢ଼େଙ୍କାନାଳର କପିଳାସ ପୀଠରେ ଆଜିଠାରୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି। କଟକର ଗଡ଼ଗଡ଼ିଆ ଘାଟଠାରେ ଜଳସଂଗ୍ରହ ପାଇଁ କାଉଡିଆଙ୍କ ଭିଡ ପରିଲକ୍ଷିତ ହୋଇଛି। କାଉଡିଆଙ୍କ ଭିଡକୁ ଦୃଷ୍ଟିରେ ରଖି ପୁଲିସ୍ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ମିଶ୍ରଣ ପର୍ବ

**ଭଦ୍ରକ** ଜିଲ୍ଲା ଧାମନଗର ବ୍ଲକ୍ ଖଡିପଦା ସୋହଦା ପଞ୍ଚାୟତରେ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନାକୁ ଆଗେଇ ନେବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ ।

## କାର୍ଯ୍ୟକାରିଣୀ ବୈଠକ

**ବୌଦ୍ଧ** ପଞ୍ଚାୟତ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍‌ର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ତଥା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଜିଲ୍ଲା ଜରୁରୀକାଳିନ ଅଧିକାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ ।

## କର୍ମଶାଳା

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ 'ବାଲ୍ୟବିବାହ ନିଷେଧ ଅଧିକାରୀଙ୍କ ଦାୟିତ୍ୱ ଓ ଭୂମିକା' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁସୁରକ୍ଷା ବିଭାଗ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ବାଲ୍ୟ ବିବାହ ନିଷେଧ ଆଇନ-୨୦୦୬ ଉପରେ ସଚେତନତା ସୃଷ୍ଟି ସହ ଜିଲ୍ଲାକୁ ବାଲ୍ୟବିବାହମୁକ୍ତ କରିବା ପାଇଁ କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଥିଲା ।

## ଜୋରିମାନା

**ନୂଆପଡ଼ା** ଜିଲ୍ଲାରେ ଏକକ ବ୍ୟବହାର ପଲିଥିନ୍‌କୁ ବର୍ଜନ କରି ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବାକୁ ଜିଲ୍ଲାପାଳ ସାଧାରଣ ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି । ଜିଲ୍ଲାପାଳ ଆଜି ସାପ୍ତାହିକ ପରିବା ହାଟରେ ସଚେତନ ନାଗରିକମାନଙ୍କୁ

ଉତ୍ସାହିତ କରିଥିବାବେଳେ ପଲିଥିନ୍ ବ୍ୟବହାର କରୁଥିବା ବ୍ୟବସାୟୀ ଓ ଗ୍ରାହକମାନଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିଲା ।

## ହସ୍ତତନ୍ତ ତାଲିମ୍

ହସ୍ତତନ୍ତ କାରିଗରୀ କଳା କୌଶଳକୁ ଅଧିକ ବ୍ୟାପକ ଓ ସହଜ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । **ନବରଙ୍ଗପୁର** ଜିଲ୍ଲାରେ ବୟନଶିଳ୍ପ ବିଭାଗ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଜାକାର୍ଡରେ ବୟନ ପାଇଁ ତାଲିମ୍ ଦିଆଯାଉଛି । ଜିଲ୍ଲାର ମୁଣ୍ଡାଗଡ଼ଠାରେ ଏହି ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

## ସାହାଣୀ କପ୍

କେନ୍ଦୁଝର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସାହାଣୀକପ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ କଟକ ଚାମ୍ପିଅନ୍ ହୋଇଛି । ସମ୍ବଲପୁରକୁ ୨/୧ ଗୋଲ୍‌ରେ ପରାସ୍ତ କରି କଟକ ଏହି ସଫଳତା ହାସଲ କରିଛି ।

## ପାଣିପାଗ

ରାଜ୍ୟର ବିଭିନ୍ନ ଅଂଚଳରେ ପାଗ ମେଘୁଆ ରହିଛି । ବିଭିନ୍ନ ସ୍ଥାନରେ ସାମାନ୍ୟ ବର୍ଷା ହୋଇଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ୨୦ଟି ଜିଲ୍ଲାକୁ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଚଳିତ ମୌସୁମୀ ଋତୁରେ ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ହାରାହାରି ୬୨୨ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଛି । ଗତବର୍ଷ ତୁଳନାରେ ଚଳିତବର୍ଷ ୬ ପ୍ରତିଶତ ଅଧିକ ବର୍ଷା ହୋଇଥିବା ଜଣାପଡିଛି । ୮ଟି ଜିଲ୍ଲାରେ

ଅତ୍ୟଧିକ, ୧୮ଟି ଜିଲ୍ଲାରେ ସ୍ୱାଭାବିକ ଏବଂ ୪ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

*********************************